# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 November - 2024

### News Editor : Itishree Singh Rathaur

**********************************

## ମୁଖ୍ୟ ସମ୍ବାଦ

- ଦେଶର ୫୧ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ ସଞ୍ଜୀବ ଖାନ୍ନା
- ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ନର୍ସଙ୍କ ଡ୍ରେସକୋଡ୍ ପରିବର୍ତ୍ତନ ନେଇ ସରକାରଙ୍କ ନିଷ୍ପତ୍ତି
- ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଜୟନ୍ତୀ ଅବସରରେ ଆଜି ପାଳନ କରାଯାଉଛି ଜାତୀୟ ଶିକ୍ଷା ଦିବସ

ଏବଂ

- କାର୍ତ୍ତିକ ମାସ ଭିଡ଼କୁ ଦୃଷ୍ଟିରେ ରଖି ପୁରୀ ଶ୍ରୀମନ୍ଦିରରେ ପରିବର୍ତ୍ତନ ହେଲା ଧ୍ୱଜାବନ୍ଧା ନୀତି ସମୟ ନିର୍ଘଣ୍ଟ

*HS*

# ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି

ସୁପ୍ରିମ୍‌କୋର୍ଟର ୫୧ତମ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ସଞ୍ଜୀବ୍ ଖାନ୍ନା ଆଜି ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଖାନ୍ନାଙ୍କୁ ଶପଥପାଠ କରାଇଛନ୍ତି । ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଗତକାଲି ଦେଶର ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ କରିବା ପରେ ଆଜି ଜଷ୍ଟିସ୍ ଖାନ୍ନା ଦାୟିତ୍ୱ ନେଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀଗଣ ଏବଂ ସୁପ୍ରିମକୋର୍ଟର ବିଚାରପତିମାନେ ଉପସ୍ଥିତ ଥିଲେ । ୧୯୬୦ ମସିହା ମେ' ମାସ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିବା ଜଷ୍ଟିସ୍ ଖାନ୍ନା ୧୯୮୩ ମସିହାରେ ଦିଲ୍ଲୀ ବାର୍ କାଉନ୍‌ସିଲରେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇଥିଲେ । ୨୦୦୫ ମସିହାରେ ଜଷ୍ଟିସ୍ ଖାନ୍ନା ଦିଲ୍ଲୀ ହାଇକୋର୍ଟରେ ପ୍ରଥମେ ଅତିରିକ୍ତ ବିଚାରପତି ଏବଂ ୨୦୦୬ ମସିହାରେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ ।

୨୦୧୯ ମସିହାରେ ସେ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେ ଇଲେକ୍‌ଟ୍ରୋରାଲ୍ ବଣ୍ଡ୍ ଯୋଜନାର ଉଚ୍ଛେଦ ଓ ଇଭିଏମ୍ ବ୍ୟବହାର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଐତିହାସିକ ରାୟ ପ୍ରଦାନ

କରିଥିଲେ । ଜଷ୍ଟିସ୍ ଖାନ୍ନା ପ୍ରଧାନ ବିଚାରପତି ପଦବୀରେ ୬ ମାସ କାର୍ଯ୍ୟ କରି ୨୦୨୫ ମସିହା ମେ' ମାସ ୧୩ ତାରିଖରେ ଅବସର ଗ୍ରହଣ କରିବେ।

***HS***

## ନର୍ସିଂ ଡ୍ରେସ୍‌କୋଡ଼୍

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ନର୍ସଙ୍କ ଡ୍ରେସ୍‌କୋଡ଼୍ ପରିବର୍ତ୍ତନ କରାଯାଇଛି। ନର୍ସମାନେ ଏଣିକି ନୂଆ ରଙ୍ଗ ଏବଂ ଡିଜାଇନର ଡ୍ରେସ୍ ପିନ୍ଧିବେ। ହାଲୁକା ବାଇଗଣି ରଙ୍ଗର ଡ୍ରେସରେ ସମ୍ବଲପୁରୀ ଛିଟ ରହିବ। ଉଭୟ ପୁରୁଷ ଏବଂ ମହିଳା ନର୍ସମାନେ ଇଷତ୍ ବାଇଗଣି ରଙ୍ଗର ପ୍ୟାଣ୍ଟ, ସାର୍ଟ ପିନ୍ଧିବେ। ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ସାୟନ ବ୍ଲୁ ଅର୍ଥାତ୍ ହାଲୁକା ନୀଳରଙ୍ଗର ଡ୍ରେସ୍ ପିନ୍ଧିବେ। ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟଙ୍କର ଧଳା ଶାଢ଼ୀ ଓ ଡ୍ରେସ୍ ରହିବ। ସେଥିରେ ଥିବା ଆପ୍ରୋନ୍ କଲରରେ ସମ୍ବଲପୁରୀ ଛିଟ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ପୁରୁଷ ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ଧଳା ଜ୍ୟାକେଟ୍‌ର କଲରରେ ମଧ୍ୟ ସମ୍ବଲପୁରୀ ଛିଟ ରହିବ। ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ସହ ଆଲୋଚନା ପରେ ସରକାର ଏହି ନିଷ୍ପତ୍ତି ନେଉଥିବା ଜଣାପଡ଼ିଛି।

***Desk***

## ଜାତୀୟ ଶିକ୍ଷା ଦିବସ

ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ୍ ଆଜାଦ୍‌ଙ୍କ ଜନ୍ମଦିନ ସ୍ମୃତିରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଶିକ୍ଷା ଦିବସ

ଭାବେ ପାଳନ କରାଯାଉଛି । ଦେଶ ସ୍ୱାଧୀନ ହେବା ପରେ ସ୍ୱର୍ଗତ ମୌଲାନା ଅବୁଲ୍ କଲାମ ଆଜାଦ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖଠାରୁ ୧୯୫୮ ମସିହା ଫେବୃୟାରୀ ମାସ ୨ ତାରିଖ ପର୍ଯ୍ୟନ୍ତ ଭାରତର ଶିକ୍ଷାମନ୍ତ୍ରୀ ଥିଲେ । ଶିକ୍ଷାକ୍ଷେତ୍ରରେ ଗ୍ରାମାଞ୍ଚଳର ଝିଅମାନଙ୍କୁ ଶିକ୍ଷିତ କରିବାପାଇଁ ସ୍ୱର୍ଗତ ଆଜାଦଙ୍କ ବଡ଼ ଅବଦାନ ଥିଲା । ଶିକ୍ଷାମନ୍ତ୍ରୀ ଥିବା ସମୟରେ ସ୍ୱର୍ଗତ ଆଜାଦ ଜାତୀୟ ଶିକ୍ଷାନୀତି ପ୍ରଣୟନ କରିଥିଲେ । ବୈଷୟିକ ଶିକ୍ଷାକ୍ଷେତ୍ରରେ ଆଇ.ଆଇ.ଟି.ଗୁଡ଼ିକ ସ୍ଥାପନପାଇଁ ମୌଲାନା ଅବୁଲ୍ କଲାମ୍ ଆଜାଦ୍ ଚିରସ୍ମରଣୀୟ ହୋଇ ରହିବେ ।  ଆର୍ଥିକ କ୍ଷେତ୍ର ସହ ବୌଦ୍ଧିକ ବିକାଶରେ ଶିକ୍ଷା କିପରି ଅଧିକରୁ ଅଧିକ ଫଳପ୍ରଦ ହୋଇପାରିବ, ମୌଲାନା ଅବୁଲ୍ କଲାମ ଆଜାଦଙ୍କର ଲକ୍ଷ୍ୟ ଥିଲା । ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଏବଂ ପ୍ରୌଢ଼ଶିକ୍ଷାର ବାର୍ତ୍ତା ନେଇ ଆଜି ଏହି ଦିବସ ପାଳନ କରାଯାଉଛି । ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅଧିକ ସୂଚନା ଦେଉଛନ୍ତି ଶିକ୍ଷାବିତ ଡକ୍ଟର ଶଶୀଭୂଷଣ ନାୟକ...

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ମୌଲାନା ଆବୁଲ କଲାମ ଆଜାଦଙ୍କ ସ୍ମୃତିଚାରଣ କରିଛନ୍ତି ।

*Puri*

## ଶ୍ରୀମନ୍ଦିର- ଧ୍ୱଜାବନ୍ଧା ନୀତି

ପୁରୀ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ଭିଡ଼କୁ ଦୃଷ୍ଟିରେ ରଖି ଧ୍ୱଜାବନ୍ଧା ନୀତି ସନ୍ଧ୍ୟା ବଦଳରେ ଅପରାହ୍ନ ୩ଟା ୩୦ରୁ ୪ଟା ମଧ୍ୟରେ ସମ୍ପନ୍ନ କରିବା ଲାଗି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି ନିର୍ଦ୍ଦେଶ ଦେଇଛନ୍ତି। ଚୂନରା ସେବକଙ୍କୁ ଏ ନେଇ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଛି। ଅପରାହ୍ନ ସମୟରେ ମନ୍ଦିରରେ ଗହଳି କମ୍ ରହୁଥିବାରୁ ଧ୍ୱଜାବନ୍ଧା ନୀତି ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ। ଏହି ନୀତି ଦେଖିବା ପାଇଁ ମନ୍ଦିର ଭିତରେ ଏବଂ ସିଂହଦ୍ୱାର ବାହାରେ ରାସ୍ତା ଉପରେ ଭକ୍ତଙ୍କର ଗହଳି ରହୁଥିବାରୁ ସନ୍ଧ୍ୟା ପରିବର୍ତ୍ତେ ଅପରାହ୍ନ ସାଢ଼େ ୩ଟା ସମୟରେ ଏହି ନୀତି ସମ୍ପନ୍ନ ଲାଗି ନିଷ୍ପତ୍ତି ହୋଇଛି। ପରିବର୍ତ୍ତିତ ସମୟ ଅନୁଯାୟୀ ଧ୍ୱଜା ବନ୍ଧା ସମାପନ କରିବାକୁ ସମ୍ପୃକ୍ତ ସେବକଙ୍କୁ  ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

*Nabarangpur/Desk*

## କାର୍ତ୍ତିକ ମାସ ଶେଷ ସୋମବାର

କାର୍ତ୍ତିକ ମାସ ଶେଷ ସୋମବାର ଅବସରରେ ଆଜି ରାଜ୍ୟର ଶୈବପୀଠଗୁଡ଼ିକରେ ବଡିଭୋରରୁ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି। ଠାକୁରଙ୍କର ଦର୍ଶନ ଏବଂ ସୁବ୍ୟବସ୍ଥିତ ନୀତିକାନ୍ତି ପାଇଁ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଭିଡ଼କୁ ନିୟନ୍ତ୍ରଣ

କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ହୋଇଛି। ଆସନ୍ତାକାଲିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଚକ ବ୍ରତ ପାଳନ କରାଯିବ।

କଟକର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ପଞ୍ଚକ ବ୍ରତ ଓ ବଡ଼ଓଷା ଯାତ୍ରା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୧୩ ତାରିଖରେ ବଡ଼ଓଷା ଏବଂ ୧୪ରେ ଗଜଭୋଗ ବିତରଣ କରାଯିବ। ଚଳିତ ବର୍ଷ ପୀଠ ପରିସରରେ ଏବଂ ଚାରି ପାଖରେ ସିସିଟିଭି କ୍ୟାମେରା ଲଗାଯାଇଛି। ପୀଠର ଉଭୟ ପାର୍ଶ୍ୱରେ ନଦୀଥିବାରୁ ଅଘଟଣାକୁ ଏଡ଼ାଇବାକୁ ଦୁଇଟି ଓଡ୍ରାଫ୍ ଟିମ୍ ନିୟୋଜିତ ଅଛନ୍ତି। ଆଜିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଯାନବାହନ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ କଟକଣା ଲାଗୁ ହୋଇଛି।

ନବରଙ୍ଗପୁର ଜିଲ୍ଲାର ସମସ୍ତ ଶୈବ ପୀଠରେ ଭକ୍ତଙ୍କର ପ୍ରବଳ ଗହଳି ଦେଖିବାକୁ ମିଳିଛି। ଜିଲ୍ଲାର ପାପଡ଼ାହାଣ୍ଡି, ଡାବୁ ଗାଁର କେଲିଆ, ଝରୀଗାଁର ଚନ୍ଦନଧରା, ତେନ୍ତୁଳୀଖୁଣ୍ଟିର ଘୁମାରେଶ୍ୱର, ନବରଙ୍ଗପୁରର ଭତରା ସିଉନି ଭଳି ପ୍ରମୁଖ ଶୈବ ପୀଠରେ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି।

*Nabarangpur*

## ସଡ଼କ ଦୁର୍ଘଟଣା

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ସୀମାନ୍ତ ଛତିଶଗଡ଼ ରାଜ୍ୟର ରାଜନଗର ଗ୍ରାମ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ତିନିଜଣ ଓଡ଼ିଆ

ମହିଳା ଶ୍ରମିକଙ୍କର ମୃତ୍ୟୁ ହୋଇଛି। ୧୬ ଜଣ ଆହତ ହୋଇଛନ୍ତି। ଛତିଶଗଡ଼ ଡିମାରାପାଲ ସରକାରୀ ଚିକିତ୍ସାଳୟରେ ଆହତଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। କୋଷାଗୁମୁଡ଼ା ବ୍ଲକର ଏମ୍.କେରାଗାଁ ଏବଂ ମଦେଗାଁ ପଞ୍ଚାୟତର ଅଧିକାଂଶ ଲୋକ ଛତିଶଗଡ଼ ରାଜ୍ୟର ସୀମାନ୍ତ ଅଞ୍ଚଳକୁ ପ୍ରତିଦିନ ଯାଇ କୃଷି କାର୍ଯ୍ୟ କରି ଘରକୁ ଫେରିଥାନ୍ତି। ସେଠାକାର ଗୁଜୁରାତି କୃଷିଫାର୍ମରେ ଶ୍ରମିକଭାବେ ଏମ୍.କେରାଗାଁ ଏବଂ ସିରାଗୁଡ଼ା ଗ୍ରାମର ୧୯ ଜଣ ଶ୍ରମିକ କାମସାରି ଏକ ପିକ୍‌ଅପ୍ ଭ୍ୟାନ୍ ଯୋଗେ ଘରକୁ ଫେରୁଥିଲେ। ସେହି ପିକଅପ୍ ଭ୍ୟାନ୍‌ଟି ଏ ଟ୍ରାକ୍ଟର ସହ ଧକ୍କା ହେବାରୁ ଦୁର୍ଘଟଣା ଘଟିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଏମ୍.କେରାଗାଁର ଜଣେ ଏବଂ ଶିରିଗୁଡ଼ା ଗ୍ରାମର ଅନ୍ୟ ଦୁଇଜଣଙ୍କୁ ମିଶାଇ ତିନିଜଣ ମହିଳା ଶ୍ରମିକଙ୍କର ମୃତ୍ୟୁ ହୋଇଛି। ବିଧାୟକ ମନୋହର ରନ୍ଧାରୀ ଡିମାରାପାଲାସ୍ଥିତ ସରକାରୀ ଡାକ୍ତରଖାନା ପରିଦର୍ଶନ କରି ଆହତଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ସେଠାକାର ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ଆହତଙ୍କୁ ସମସ୍ତ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

***HS***

## ମହିଳା କମିଶନ ଅଧ୍ୟକ୍ଷା- ଇସ୍ତଫା

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ପଦରୁ ମିନତୀ ବେହେରାଙ୍କୁ ପ୍ରତ୍ୟାହାର କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଏହା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତମାସ ୨୯ ତାରିଖରେ

କମିଶନର ଅଧ୍ୟକ୍ଷା ମିନତୀ ବେହେରାଙ୍କୁ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ନଭେମ୍ବର ପହିଲାରେ ଶ୍ରୀମତୀ ବେହେରା ନୋଟିସ୍‌ର ଜବାବ ଦାଖଲ କରିଥିଲେ। ତେବେ ଉତ୍ତର ସନ୍ତୋଷଜନକ ନୁହେଁ ବୋଲି ଦର୍ଶାଇ ତାଙ୍କୁ ଅଧ୍ୟକ୍ଷା ପଦରୁ ପ୍ରତ୍ୟାହାର କରାଯାଇଛି।

***Desk***

## ସାନ୍ତାଳୀ ଭାଷାରେ ସମ୍ବାଦ

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ସମ୍ବଲପୁରୀ, ସାନ୍ତାଳୀ ଏବଂ ଦେଶୀଆ ଭାଷାରେ ସମ୍ବାଦ ପ୍ରସାରଣ କରାଯିବ। ଏଥିପାଇଁ ସମ୍ବଲପୁରୀ, ସାନ୍ତାଳୀ ଓ ଦେଶୀୟ ଭାଷାର ସମ୍ବାଦ ପାଠକ, କପି ଏଡିଟର ଏବଂ ଭିଡିଓ ଏଡିଟରର ଆବଶ୍ୟକତା ରହିଛି। ଉପଯୁକ୍ତ ପ୍ରାର୍ଥୀଙ୍କଠାରୁ ଏଥିପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। ଇଚ୍ଛୁକ ପ୍ରାର୍ଥୀ ପ୍ରସାରଭାରତୀ ୱେବସାଇଟ୍ prasarbharati.gov.inର vacancies ବିଭାଗକୁ ଯାଇ ବିଜ୍ଞାପନର ସବିଶେଷ ବିବରଣୀ ଜାଣିପାରିବେ। ଆବେଦନ କରିବାର ଶେଷ ତାରିଖ ହେଉଛି ଚଳିତ ମାସ ୨୦ ତାରିଖ।

***Desk***

## ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ

ଭାରତୀୟ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ'ର ୫୫ତମ ସଂସ୍କରଣ ଆସନ୍ତା ୨୦ ତାରିଖରୁ ଗୋଆରେ ଆରମ୍ଭ ହେବ।

ନୂଆଦିଲ୍ଲୀଠାରେ ଆଜି ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗନ କହିଛନ୍ତି, ଆନ୍ତର୍ଜାତିକ ସ୍ତରରେ ଆୟୋଜିତ ହେଉଥିବା ବୃହତ ଚଳଚ୍ଚିତ୍ର ମହୋତ୍ସବ ମଧ୍ୟରେ ଏହା ଅନ୍ୟତମ। ଦେଶର ଅର୍ଥନୀତିକୁ ତ୍ୱରାନ୍ୱିତ କରିବାରେ ଭାରତୀୟ ସିନେମା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଏଥିରେ ଯୋଗଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଯାଜୁ କହିଛନ୍ତି, ଚଳିତ ବର୍ଷ ଏହି ମହୋତ୍ସବରେ ଯୁବ ଚଳଚ୍ଚିତ୍ର ନିର୍ମାତାଙ୍କୁ ଗୁରୁତ୍ୱ ଦିଆଯାଇଛି। ନୂତନ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଶ୍ରେଷ୍ଠ ଭାରତୀୟ ଡେବ୍ୟୁ ପୁରସ୍କାର ଚଳିତ ବର୍ଷଠାରୁ ପ୍ରଥମଥର ପାଇଁ ପ୍ରଦାନ କରାଯିବ। ଶ୍ରୀ ଯାଜୁ କହିଛନ୍ତି, ୮୧ଟି ଦେଶର ୧୮୦ରୁ ଅଧିକ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶନ ପାଇଁ ଚୟନ କରାଯାଇଛି।